ଶିକ୍ଷାର ଗୁଣାତ୍ମକ

# ଜନଶକ୍ତି

# The Janasakti

କଟକ, ରବିବାର, ମାର୍ଚ୍ଚ ୨୪, ୧୯୬୮ * CUTTACK, SUNDAY, MARCH 24, 1968

No. 468
Sri Manoj Das
Sri Aurobindo Ashram
PONDICHERRY-2
MADRAS STATE

# ଚିକିତ୍ସା-ସଙ୍କଟ

— ମନୋଜ ଦାସ

ଲଣ୍ଡନ ମହାନଗରୀରେ ଅବସ୍ଥିତ ନିଏସ୍‌ଡେନ ହସ୍ପିଟାଲର ଆଦର୍ଶ ପରିଚାଳନା ଚିକିତ୍ସା ବ୍ୟବସ୍ଥା ଇତ୍ୟାଦିରୁ ଉଚ୍ଚି କରି ଗୋଟିଏ 'ଫିଚର' ଛପାଇ କରିବା ଉଦ୍ଦେଶ୍ୟରେ ଏକ ଟେଲିଭିଜନ କମ୍ପାନୀ ପ୍ରତିଷ୍ଠାନଟି ପର୍ଯ୍ୟବେକ୍ଷଣ କରୁ କରୁ ଦୈବାତ୍ ଏଭଳି ଏକ ସାର୍କୁଲର ଦେଖିବାକୁ ପାଇଲେ, ଯାହା ଆଜି ପ୍ରବଳମତ ଆଲୋଡ଼ନ ସୃଷ୍ଟି କରିଛି । ହସ୍ପିଟାଲଟିର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କର୍ତ୍ତୃକ ଜାରି ହୋଇଥିବା ଉକ୍ତ ସାର୍କୁଲରଦ୍ୱାରା ଡାକ୍ତରମାନଙ୍କୁ ମୋଟାମୋଟି କୁହାଯାଇଛି ଯେ, ଯେଉଁ ବୃଦ୍ଧ ରୋଗୀମାନେ ଅବଶ୍ୟମ୍ଭାବୀ ଭାବରେ ମୃତ୍ୟୁ ପଥଗାମୀ, ସେମାନଙ୍କୁ ଅଧିକ ବଞ୍ଚାଇ ରଖିବାର ପ୍ରୟାସ କରିବା ଦରକାର ନାହିଁ । ଗତ ଷୋଳ ମାସ ଧରି ଉକ୍ତ ପ୍ରତିଷ୍ଠାନର ଡାକ୍ତରମାନେ ଏହି ନିର୍ଦ୍ଦେଶନାମା ମୁତାବକ ଆଚରଣ କରିଥିବା ସ୍ୱାଭାବିକ, ବ୍ରିଟେନର ସ୍ୱାସ୍ଥ୍ୟମନ୍ତ୍ରୀ କେନେଥ ରବିନସନ ଏହାର ତଦନ୍ତ ନିମନ୍ତେ ଆଦେଶ ଦେଇଅଛନ୍ତି ।

ଉପରୋକ୍ତ ସାର୍କୁଲରଟିର ପ୍ରଣେତା ସୁପରିଣ୍ଟେଣ୍ଡେଣ୍ଟ ମହୋଦୟ ହୁଏତ ଦୁଇପ୍ରକାର ଚିନ୍ତାଧାରାଦ୍ୱାରା ପ୍ରଣୋଦିତ ହୋଇଥିବେ । ପ୍ରଥମତଃ, ହୁଏତ ମରଣାପନ୍ନ ରୋଗୀମାନଙ୍କର ଅଯଥା ଯନ୍ତ୍ରଣାର ଶୀଘ୍ର ଅବସାନ ହେବା ଉଚିତ ବୋଲି ସେ ମନେ କରିଥିବେ; ଏହି ପ୍ରଶ୍ନ ଉପରେ ପୂର୍ବରୁ ବହୁ ମନୀଷୀ ମତାମତ ବ୍ୟକ୍ତକରିଛନ୍ତି— ଗାନ୍ଧିଜୀ ସମେତ—ସେ ସବୁର ପୁନରାବୃତ୍ତି କରିବା ଏଠାରେ ସମ୍ଭବ ନୁହେଁ । ଦ୍ୱିତୀୟତଃ ସୁପରିଣ୍ଟେଣ୍ଡେଣ୍ଟ ମନେ କରିଥିବେ, ଅକର୍ମଣ୍ୟ ବୃଦ୍ଧ ବାପୁଡ଼ାମାନଙ୍କ ଉପରେ ଔଷଧ ଓ ଡାକ୍ତରୀ ପ୍ରତିଭାର ଅପଚୟ ନ କରି, ସେ ସବୁ ଅଧିକ ପ୍ରୟୋଜନୀୟ କ୍ଷେତ୍ର ପାଇଁ ବ୍ୟବହାର କରିବା ଦରକାର ।

ପ୍ରଥମୋକ୍ତ ଚିନ୍ତାଧାରାଟି ଏକ ନୈତିକ ବିଷୟ ଓ ଦ୍ୱିତୀୟଟି ଏକ ପ୍ରୟୋଜନବାଦୀ (Utilitarian) ବିଷୟ । ଏ ଉଭୟ ବିଷୟର ସପକ୍ଷରେ ଓ ବିପକ୍ଷରେ ଅନେକ ଯୁକ୍ତି ବଢ଼ାଯାଇଛି ଓ ବଢ଼ାଯାଇପାରେ । ସେ ସବୁ କିନ୍ତୁ କୌଣସି ଚୂଡ଼ାନ୍ତ ସିଦ୍ଧାନ୍ତରେ ଆମକୁ ପହଞ୍ଚାଇ ପାରି ନାହିଁ ।

କିନ୍ତୁ ଚୂଡ଼ାନ୍ତ ସିଦ୍ଧାନ୍ତରେ ପହଞ୍ଚିବା ସମ୍ଭବ । ସେଥିପାଇଁ ଆମକୁ ସମଗ୍ର ଚିକିତ୍ସା ବିଜ୍ଞାନର ମୌଳିକ ଲକ୍ଷ୍ୟ ବିଷୟରେ ଅବହିତ ହେବାକୁ ହେବ ।

ଅସୁମାର କାଳରୁ କେତୋଟି ମୌଳିକ ଅଭିପ୍ସାକୁ ଆଦର୍ଶ କରି ମନୁଷ୍ୟ ସଚେତନ ଭାବରେ ହେଉ ବା ଅବଚେତନ ଭାବରେ ହେଉ ଅହରହ ସଂଗ୍ରାମ କରି ଚାଲିଛି । ପୂର୍ଣ୍ଣତା ପାଇଁ, ସତ୍ୟ ପାଇଁ, ସୁଖ ପାଇଁ ଓ ଅମରତା ପାଇଁ ତା'ର ଏହି ସଂଗ୍ରାମ । ଜାଣେ ନା ଜାଣେ ସେ ଯେ ଏସବୁର ଅଧିକାରୀ ହେବ, ସେଭଳି ସଂଗୁପ୍ତ ଭଣ୍ଡାର ତା'ର ଚେତନାର ଅଭ୍ୟନ୍ତରରେ, ଅନ୍ୟଥା, ଅମର ହୋଇ ରହି ନ ଥିଲେ ସେ କଦାପି ତା'ର ବହୁମୁଖୀ ସଂଗ୍ରାମ ଯୁଗ ଯୁଗ ଧରି ଅବିରତ ଚାଲୁ ରଖି ପାରି ନ ଥାନ୍ତା । ଅକ୍ଷିଦୃଷ୍ଟିଆ ବୁଦ୍ଧି ଯାହା ପ୍ରମାଣହିଁ ଯଦି ସବୁ ବିଷୟରେ ତା'ର ହୃଦବୋଧ ଆଣି ଦେଇ ପାରନ୍ତା, ତେବେ ପୃଥିବୀର ସବୁ ମଣିଷ ମଲେଣି ଓ ମରିବେ—ଏଇ ବ୍ୟାପ୍ତ ସତ୍ୟର ଅଭିଜ୍ଞତା ତାକୁ ଅବିରତ ଘେରି ରହି ଥିଲେ ମଧ୍ୟ ସେ ଜୀବନପ୍ରତି ଏତେ ମମତାପରାୟଣ ହୁଅନ୍ତା ନାହିଁ 'ସମସ୍ତେ ମରିଛନ୍ତି'—ଇତିହାସର ଏଇ ଜବରଦସ୍ତ ସାକ୍ଷ୍ୟ ସତ୍ତ୍ୱେ ମଣିଷର ଅଭ୍ୟନ୍ତରରେ ଏହାକୁ ଅସ୍ୱୀକାର କରି ଦେଲ ଭଳି ସତ୍ୟ ରହିଛି ବୋଲି ସେ ପାରୁପର୍ଯ୍ୟନ୍ତ ସଂଗ୍ରାମ କରେ ନିଜର ବଞ୍ଚି ରହିବାକୁ ନେଇ, କରି ।

ଏହି ବହୁମୁଖୀ ସଂଗ୍ରାମ ପ୍ରତ୍ୟକ୍ଷ ଅଂଶୀଦାର ହେଉଛନ୍ତି ଡାକ୍ତରମାନେ; ସେମାନେ ଅଗ୍ରୁଆ ବାହିନୀ । ଅର୍ଥାତ୍, ଡାକ୍ତରମାନଙ୍କର ମୌଳିକ ସଂଗ୍ରାମ ରୋଗ ବିରୁଦ୍ଧରେ ନୁହେଁ, ମୃତ୍ୟୁ ବିରୁଦ୍ଧରେ । ମଣିଷର ବ୍ୟକ୍ତିତ୍ୱ ଭିତରର ଯେଉଁ ଅପୂର୍ଣ୍ଣତା, ଅସଂହତ ରୋଗ ବ୍ୟାଧି ରୂପରେ ପ୍ରକାଶ ପାଏ, ତାକୁ ଦୂର କରିବା ପାଇଁ ଡାକ୍ତରର ଯେଉଁ ସାଧନା । ସେ ସାଧନା ଅସଲରେ ମଣିଷ ଭିତରେ ପୂର୍ଣ୍ଣତାର ବିକାଶ ପାଇଁ ସଂହତିର ପ୍ରତିଷ୍ଠା ପାଇଁ ତା'ର ସାଧନା । ବାସ୍ତବରେ ଏହା ସାଧନା, ଶ୍ରୀ ମା'ଙ୍କ ଭାଷାରେ "If you take human body as the taberracle of the Lord, then the medical science becomes the ritual of the worship and the doctors are the priests officiating in the temple." ଅର୍ଥାତ ମଣିଷର ଶରୀର ରୂପକ ଭଗବାନଙ୍କ ଚଳନ୍ତା-ମନ୍ଦିର ଭିତରେ ଡାକ୍ତରମାନେ ପୁରୋହିତ ସଦୃଶ ।

( ଶେଷ ପୃଷ୍ଠା ଦେଖନ୍ତୁ )